# ଶ୍ରୀ ସୁଦଶା ବ୍ରତ କଥା

ସତ୍ୟ ଯୁଗରେ ଅବନ୍ତୀ ନାମେ ନଗରୀ । ତହିଁରେ ସୁଦର୍ଶନ ରାଜା । ସେ ରାଜା ବଡ ଧାର୍ମିକ ଅଟନ୍ତି । ତାହାଙ୍କ ଭାର୍ଯ୍ୟା ନାମ ସୁଦଶା ପାଟରାଣୀ । ସେ ଲକ୍ଷ୍ମୀଙ୍କ ଅଂଶେ ଅବତାର ଅଟନ୍ତି । ସେ ରାଜାଙ୍କ ଆଉ ଅନେଶ୍ୱତ ରାଣୀ ଅଛନ୍ତି । ସୁଦଶା ରାଣୀଙ୍କୁ ମିଶି ଶହେ ରାଣୀ ଅଛନ୍ତି । ଏମନ୍ତ ଯେ ସୁଦର୍ଶନ ରାଜା ତାହାଙ୍କ କଟକରେ ଲକ୍ଷେ ଶ୍ରୀ ସାଧବ ଅଛନ୍ତି । ତାହାଙ୍କ ଭାର୍ଯ୍ୟା ସୁଦଶା ବ୍ରତ କରନ୍ତି  । ଏମନ୍ତ ଆଷାଢ଼ ମାସ ଶୁକ୍ଳ ପକ୍ଷ ଦଶମୀ ଗୁରୁବାର ର ପଡିଲା । ପଣ୍ଡିତ ମାନେ ସୁଦଶାବ୍ରତ ପଡିଲା ବୋଲି କହିଲେ । ସେ ସାଧବାଣି ଉଦ୍ବେଗ ହୋଇ ଘର ବଖରାଏ ଲିପିଲେ । ମୁରୁଜ ଚିତା ଦେଲେ । ମଣ୍ଡଣି କଲେ । ଇନ୍ଦ୍ର ଗୋବିନ୍ଦ ଚାନ୍ଦୁଆ ବାନ୍ଧିଲେ । ମୁକୁତା ଆଦି ତୋରଣ ମାନଙ୍କୁ ବାନ୍ଧିଲେ । ସେ ସାଧବାଣି ଗୃହସ୍ତ ପୁତ୍ରବଧୂ ସମସ୍ତଙ୍କୁ ଘେନି ଉଛବ ମାନ କଲେ । ନଡିଆ ଦଶ ଗୋଟି ରଖିଲେ । ଗୁଆ ଆଖୁ କଦଳୀ ସମସ୍ତଦ୍ରବ୍ୟ ମାନ ବାଢିଲେ । ଛେନା ଆଦି ଦଶପୁର କରି ଦଶ ଗୋଟି ମଣ୍ଡାକରି ସେ ମଣ୍ଡା ମହାଲକ୍ଷ୍ମୀ ଙ୍କ ଆଗେ ଥୋଇଲେ । ସମସ୍ତ ପଦାର୍ଥ ମାନ ସଂପାଦି କରି ଶ୍ରୀ ମହାଲକ୍ଷ୍ମୀଙ୍କୁ  ଚିନ୍ତା କରି କଥାଶୁଣିବାକୁ ବସିଲେ । ଏମନ୍ତ ସମୟରେ କଥା କହୁ ଦଶ ମଣ୍ଡାରୁ ମଣ୍ଡା ଗୋଟିଏ ମାଜ୍ୟାର ଯେ ବିରାଡି ଘେନି ପଳାଇଲା । ସେ ସାଧବାଣି ଦେଖିଲା । ଛାଟଧରି ଗୋଡାଇଲା । ମହାଲକ୍ଷ୍ମୀଙ୍କୁ ସ୍ମରଣା କରି ଗୋଡାନ୍ତେ ବିରାଡି ପଳାଇ ସେ ସୁଦର୍ଶନ ରାଜା ନବରେ ପସିଲା । ସାଧବାଣି ଗୋଡାଇ ଯାଇ ନବରେ ପସନ୍ତେ ଦ୍ୱାର ପାଳ ମାନେ ଛାଡି ନ ଦେଲେ । ଛାଡିନ ଦେବାରୁ ସାଧବାଣୀ  ବଡ ବିସ୍ମୟ ହୋଇ ରୋଦନ କଲା । ଏମନ୍ତ ସମୟରେ ରାଜା ସିଂହାସନେ ବସିଅଛନ୍ତି । ସମସ୍ତ ପାତ୍ର ମନ୍ତ୍ରୀ ଅମାନତ୍ୟ ଖୁଣ୍ଟିଆ ପଡିହାରି ଦଳ ବଳ   ରାଜାଙ୍କ ସନ୍ନିଧ୍ୟେ ଅଛନ୍ତି । ଏମନ୍ତ ସମୟରେ ସାଧାବାଣୀ ଙ୍କ ରୋଦନ ରାଜାଙ୍କ କର୍ଣ୍ଣରେ ପଡିଲା । ରାଜା ଡଗରକୁ ରାଇ ଆଜ୍ଞା ଦେଲେ । ଆମ୍ଭ ସିଂହଦ୍ୱାରେ କିଏ ସେ ରୋଦନ କରୁ ଅଛି ଦେଖ । ଆଜ୍ଞା ପ୍ରମାଣେ ଡଗର ଯାଇ ପଚାରିଲେ କିଗୋ ମାହାତ୍ମାଣୀ ଏଡେ କ୍ରୋଧ ହୋଇ କି ପାଇଁ ରୋଦନ କର । ସାଧବାଣୀ ବୋଇଲେ ମୁଁ ମହାଲକ୍ଷ୍ମୀଙ୍କୁ ପୂଜା କରିବା ମଣ୍ଡା ଗୋଟିଏ ବିରାଡି ଘେନି ରାଜାଙ୍କ ନବରେ ପସିଲା । ମୁଁ ଗୋଡାଇ ପଶନ୍ତେ ମତେ ଦ୍ୱାରପାଳ ମାନେ ଛାଡି ନ ଦେଲେ । ତେଣୁ କରି ମୁଁ କାଷ୍ଠା କରି ରୋଦନ କରୁଅଛି । ମୋର ପିଠା ଗାଟି ମତେ ଦେଲେ ମୁଁ ଯିବି । ନୋହିଲେ ଏଠା ରେ ସ୍ତିରୀ ହତ୍ୟା ହେବ । ଏକଥା ଡଗର ଶୁଣି ଯାଇ ରାଜାଙ୍କ ଛାମୁରେ କହିଲେ ।ଭୋଦେବ ଆଜ୍ଞା ପ୍ରମାଣେ ଯାଇ ସେ ସ୍ତ୍ରୀକୁ ପଚାରିଲି  । ସେ ବୋଇଲା  ମୋର ସୁଦଶା ବ୍ରତ ଠାରୁ ମଣ୍ଡା ପିଠା ଗୋଟିଏ ବିରାଡି ଘେନି ରାଜା ଶ୍ରୀ ନବରେ ପସିଲା । ମୁଁ ଗୋଡାଇ ପଶନ୍ତେ ମୋତେ ଦ୍ୱାରପାଳ ମାନେ ନିରୋଧିଲେ । ତେଣୁ କରି ମୁଁ କାଷ୍ଠା କରି ରୋଦନ କରୁଅଛି । ମୋହର ମଣ୍ଡାପିଠା ମତେ ଦିଅ । ନୋହିଲେ ଏଠାରେ ସ୍ତିରୀ  ହତ୍ୟା ହେବ । ତାହା ଶୁଣି ପାତ୍ର ମନ୍ତ୍ରୀ ସଭାଜନ ସମସ୍ତେ ହସିଲେ । ତାହାଶୁଣି ରାଜା ଆଜ୍ଞା ଦେଲେ । ଆରେ କହ । ତାକୁ ସାତ ତାଟ ପିଠା ଦେବା । ଲେଉଟି ଡଗରା ଯାଇ ସାଧବାଣୀକୁ କହିଲା । ରାଜା ଆଜ୍ଞା ଦେଲେ । ଆମ୍ଭେ ତାକୁ ସାତ ତାଟ ପିଠା ଦେବା । ଶୁଣି ସାଧବାଣୀ ବୋଇଲା  । ମୋର ସାତ ତାଟ ପିଠାରେ କାର୍ଯ୍ୟ ନାହିଁ । ମୋର ମଣ୍ଡା ପିଠା ଗୋଟି ମତେ ଦେବେ । ତାହା ଶୁଣି ଡଗରା ଯାଇ ଛାମୁରେ କର ପତ୍ର ଯୋଡି ବୋଇଲା । ଭୋ ରାଜନ ସେ ସାଧବାଣୀ ବୋଇଲେ ମୋର ସାତ ତାଟ ପିଠାରେ କାର୍ଯ୍ୟ ନାହିଁ । ମୋର ମଣ୍ଡାପିଠା ଗୋଟି ମତେ ଆଜ୍ଞା କରିବେ । ଏହା ଶୁଣି ସମସ୍ତେ ହାସ୍ୟ କଲେ । ରାଜା ଆସନୁ ଉଠି ଯାଇ ସିଂହ ଦ୍ୱାରେ ସାଧବାଣୀକୁ ଦେଖିଲେ । ଆଜ୍ଞା ଦେଲେ । ଆଗୋ ସଧବାଣୀ ତୁ କାଷ୍ଠା ନ କର । ଆମ୍ଭ ଠାରୁ ସୁନାମୁଣ୍ଡା ଗୋଟିଏ ନିଅ । ସାଧବାଣୀ ବୋଇଲା ସୁନାମଣ୍ଡାରେ କାର୍ଯ୍ୟ ନାହିଁ । ରାଜା କହିଲେ ଏଡେ କାଷ୍ଠା କାହିଁକି କରୁ ଅଛ । ସାଧବାଣୀ ବୋଇଲେ ହେ ଦେବ । ମୋହର ପୂଜା ପିଠା ଆଜ୍ଞା କର । ରାଜା କଥା ଶୁଣି ହସିଲେ ସାଧବାଣୀ ବୋଇଲା ଭୋଦେବଶୁଣିବା ହେଉ  ମୋହର ସେହି ମଣ୍ଡା ଗୋଟି ତୁମ୍ଭର ଶହେ ସୁନା ମଣ୍ଡା ସରି ନୁହଇଂ ।   ଏହାଶୁଣି ରାଜା ଆଜ୍ଞାଦେଲେ ମୁଦୁସୁଲି କରାଇ । ଆମ୍ଭ ପାଟ ମହା ଦେଇ ପୁରେ ପିଠା ଅଛିକି  । ଆଜ୍ଞା ପ୍ରମାଣେ ମୁଦୁସୁଲି ଯାଇ ରାଣୀ ହଂସ ପୁରେ ଦେଖିଲା । ସୁଦଶା ମହାଦେଇ ଅନେଶ୍ୱତ ରାଣୀଙ୍କୁ

ଘେନି ମହା ଉତ୍ସବରେ ସୁଦଶା ବ୍ରତ କରୁ ଅଛନ୍ତି । ପୁର ମଣ୍ଡଣି କରି ନାନା ପୁଷ୍ପରେ ବିଲୋପନ କରି । ସୁବର୍ଣ୍ଣ ବେଦି ଉପରେ ପାଟ ପତନି ମାଣିକ୍ୟ ର ଦିପାଳି ଚାରିପାଖେ ବସାଇ ନଗର ଯାକ ମୁକୁତା ତୋରଣ ବାନ୍ଧି ଗନ୍ଧ ଚନ୍ଦନ ଛରା ଦେଇ ଶ୍ରୀ ମହାଲକ୍ଷ୍ମୀଙ୍କୁ ନାନା ଉପହାର ଦ୍ରବ୍ୟ ଘେନି ପୂଜା କରୁ ଅଛନ୍ତି । ସମସ୍ତ ରାଣୀ ମାନେ ନାନା ଫଳ ବାଛି ନାନା ବିଚିତ୍ର ପାଟମାନ ପିନ୍ଧି ଦିବ୍ୟ ପାଟ ମାନ ଉପରାଣ ଦେଇ ଅମୁଲ୍ୟ ଅଳଙ୍କାର ମାନ ରତ୍ନରେ ବେଶ ହୋଇ ଶ୍ରୀ ମହାଲକ୍ଷ୍ମୀଙ୍କ ପୂଜାବିଧି କରୁ ଅଛନ୍ତି । ବିଧି ପୂର୍ବ କରି ଦଶ ବିଧି ପ୍ରମାଣେ ବାଡି କରି କଥା କହୁ ଅଛନ୍ତି । ଏମନ୍ତ ଦେଖି ମୁଦୁସୁଲି ଯାଇ ରାଜା ଛାମୁରେ କହିଲା । ହେ ଦେବ ଆନେଶ୍ୱତ ରାଣୀଙ୍କୁ ଘେନି ସୁଦଶା ମହାଦେଇ ସୁଦସା ବ୍ରତ କରୁ ଅଛନ୍ତି । ଜଣକେ ଦଶ ମଣ୍ଡା ଦଶନାଡ ଦୁବ ଦଶ ଗୋଟି ଅକ୍ଷତ ପ୍ରମାଣେ ଗନ୍ଧ ପୁଷ୍ପ ଧୂପ ଦୀପ ଗୁଆ ନଡିଆ ସୁତା ଦଉଡି ଦଶଖିଅ ଲେଖାରେ ଦଶ ବର୍ଷ ପୁଅ ହାତରେ ଦଶ ହାତ ଲମ୍ବକରି ତାହା ତିନି ଗୁଣ କରି ଦଉଡି କରି ବଳି ଦଶ ଗୋଟି ଗଣ୍ଠି ପକାଇ କରି ରଖି ଅଛନ୍ତି । ନାନା ବିଚିତ୍ରମଣ୍ଡି କରି ଅଛନ୍ତି । ମୁଁ ଦେଖି ଅଇଲି । ଛାମୁରେ ଜଣାଇଲି । ତାହା ଶୁଣି ରାଜା ସାଧବାଣୀ କୁ ଦ୍ୱାରେ ରଖି ରାଣୀ ହଂସ ପୁରକୁ ବିଜେ କଲେ । ରାଜା ସୁଦଶା ରାଣୀଙ୍କୁ ସନ୍ନିଧିକୁ ଗଲେ । ରାଣୀ ପୂଜା ସନ୍ନିଧିକୁ ଯାଇ ଉଭା ହେଲେ ରାଣୀ ବୋଇଲେ କି ଆଜ୍ଞା ହେବା ହେଉ । ରାଜା ବୋଇଲେ ରାଣୀଙ୍କୁ କଥାଏ କହିବି ସତ୍ୟ କର । ରାଣୀ ବୋଇଲେ ଭୋ ଦେବ ସତ୍ୟ କଲି । ଆଜ୍ଞା ହେଉ । ରାଜା ବୋଇଲେ ତୁମ୍ଭେ ଯେ ସୁଦସା ବ୍ରତ କରୁଅଛି ସେ ବ୍ରତ ପିଠାରୁ ପିଠା ଗୋଟିଏ ଦେବ । ରାଣୀ ଶୁଣିବିସ୍ମୟ ହେଲେ । ଭୋ ଦେବ ଆମ୍ଭର ଶିରି ତୁଟିଲା । ଏମନ୍ତ କହି ପୂଜା ପିଠାରୁ ଗୋଟିଏ ରାଜାଙ୍କ ହସ୍ତରେ ଦେଲେ । ରାଜା ପିଠା ଘେନି ସାଧବାଣୀ ସନ୍ନିଧକୁ ଗଲେ । ବୋଇଲେ ଆଗୋ ସାଧବାଣୀ । ଆମ୍ଭର ରାଣୀ ମାନେ ଏ ବ୍ରତ କରୁ ଅଛନ୍ତି । ଆମ୍ଭେ ତହୁଁ ମଣ୍ଡା ଗୋଟିଏ ଆଣିଲୁ । ସେ ପିଠା ଦେବାକି । ସାଧବାଣୀ ବୋଇଲା ହେ ଦେବ । ଆନରେ କାର୍ଯ୍ୟ ନାହିଁ । ଏମନ୍ତ ବୋଲି ବାରୁ ରାଜା ବଢାଇ ଦେଲେ । ସାଧବାଣୀ ସେ ପିଠା ପାଇ ହରଷ ହୋଇ ଆପଣା ଘରକୁ ଗଲା । ବୋହୁ ମାନଙ୍କୁ ବୋଇଲା । କି ଅନ୍ୟାୟ କଲ । ଶ୍ରୀ ମହାଲକ୍ଷ୍ମୀ ମତେ ବିଡିଲେ ।ପୂଜା କରିବା ପିଠା ବିରାଡି ଘେନି ରାଜା ନବରେ ପସିଲା । ମୁଁ ବଡ କାଷ୍ଠାକରି ମାଗିବାରୁ ସେ ରାଜା ମତେ ସୁଦଶା ରାଣୀଙ୍କ ଠାରୁ ସୁଦଶା ବ୍ରତ ପିଠା ଗୋଟିଏ ଆଣି ଦେଲେ । ଶ୍ରୀ ମହାଲକ୍ଷ୍ମୀ ମତେ ସୁଦୟା କଲେ । ଏମନ୍ତ ବୋଲି ଦଶଖିଅ ସୁତା ଦଶ ବରଷ ପୁଅ ହାତେ ଦଶ ହାତ ଲମ୍ବ କରି ତିନି ଗୁଣ କରି ବଳି ଦଶ ଗଣ୍ଠି ପକାଇବ । ସେ ଦଶ ଗଣ୍ଠି ମହିମା କହିବା । ପ୍ରଥମ ଗଣ୍ଠି ଆଦି ମାତା । ଦ୍ୱିତାୟ ଗଣ୍ଠି ବିଘ୍ନ ସେନି । ତୃତୀୟ ଗଣ୍ଠି ମାହେଶ୍ୱରୀ । ଚତୁର୍ଥ ଗଣ୍ଠି ବାରାହୀ । ପଞ୍ଚମ ଗଣ୍ଠି ଲୋକଧାତ୍ରୀ । ଷଷ୍ଠ ଗଣ୍ଠି ଅନ୍ନପୂର୍ଣ୍ଣା । ସପ୍ତମ ଗଣ୍ଠି କାମାକ୍ଷୀ । ଅଷ୍ଟମ ଗଣ୍ଠି ଉଗ୍ରତାରା । ନବମ ଗଣ୍ଠି ମହାଲକ୍ଷ୍ମୀ । ଦଶମ ଗଣ୍ଠି କମଳିନି । ଶ୍ରୀ ମହାଲକ୍ଷ୍ମୀ ବୋଲି ହାତରେ ବାନ୍ଧିଲା । ଦଶ ଗୋଟି ଦୁବ ଦଶ ଗୋଟି ତଣ୍ଡୁଳ ମଥାରେ ଖୋସିଲା । ଶ୍ରୀ ମହାଲକ୍ଷ୍ମୀ କମଳିନୀ ବୋଲି ପିଠା ଦଶ ଗୋଟି ଆଉ ଅନେକ ଦ୍ରବ୍ୟ ମାନ ଖିରି ଖିରିସା ଅଟକାଳି ନାନ ନୈବେଦ୍ୟ କଲା । ଶ୍ରୀ ମହାଲକ୍ଷ୍ମୀ ପଦ୍ମାଳୟା ପଦ୍ମ ସେନି ବୋଲି ଆରାଧନା କଲା । ପୁତ୍ର ବନ୍ଧୁ ବସାଇ ବ୍ରତ ଆଚରିଲା । ସାଧବାଣୀକୁ ମହାଲକ୍ଷ୍ମୀ ଅନୁଗ୍ରହ କଲେ । ଏଥି ଉତ୍ତାରୁ ମହାଲକ୍ଷ୍ମୀ ବୃଦ୍ଧ ସ୍ୱରୂପରେ ରାଜାଙ୍କୁ ସ୍ୱପନରେ ଦେଖା ଦେଲେ । ବୋଇଲେ ହେରାଜା । ଏପୁରରେ କିଂପା ଅଛ । ଏଥିରୁ ବାହାର ହୋଇ ଯାଆ । ମୋହର କଟକରେ କ୍ଷଣେ ନ ରୁହ । ତତେଲକ୍ଷ୍ମୀ ଛାଡିଲେ । ତୁ ଲକ୍ଷ୍ମୀ ଦୋରହା ହଲୁ। ତତେବିପତ୍ତିମାନ ପଡିବ ବେଗେ ବାହାରିଯାଅ ଥିଲେ ବିପତ୍ତିମାନ ପଡିବ । ଏମନ୍ତ କହି ଲକ୍ଷ୍ମୀ ଅନ୍ତର୍ଧ୍ୟନ ହେଲେ । ରାଜାନିଦ୍ରାରୁ ଉଠିଲେ ରାଣୀ ଙ୍କୁଡକାଇଲେ ବୋଇଲେ ମତେ ମହା ଲକ୍ଷ୍ମୀ ବୃଦ୍ଧ ସ୍ୱରୂପରେ ସ୍ୱପ୍ନରେ ମତେ କହିଲେ ମୋହର କଟକରେ ଦଣ୍ଡେ ନରୁହ ବେଗେ ବାହାରିଯାଅ । ଥିଲେ ବିପତ୍ତି ମାନ ପଡିବ । ଏକଥା କେମନ୍ତ ରାଣୀ ବୋଇଲେ ଆମ୍ଭଙ୍କୁ ବିପତ୍ତି ମାନ ପଡିବ ମହା ଲକ୍ଷ୍ମୀ ଛାଡିଲେ । ଲକ୍ଷ୍ମୀ ଦୋରେହା ଆମ୍ଭର ହେଲା । ରାଜା ବୋଇଲେ ବିଚାର କରିବା । ରାଣୀ ବୋଇଲେ ଏ ପୁରୁ ବାହାରି ଯିବା । ଏମନ୍ତ ବିଚାରି ରାଜା ରାଣୀ ବାହାର ହେଲେ । ରାଜ୍ୟରୁ ବାହାରନ୍ତେ ରାଜାଙ୍କୁ ରକ୍ତ ବାତବ୍ୟାଧି ବାଧିଲା । ରାଜା ରାଣୀଙ୍କୁ ବୋଇଲେ । ବାଟକୁ ଅନ୍ନଧରିଥାଅ । ଭୋକ କଲେ ଭୋଜନ କରିବା । ରାଜାଙ୍କ ଠାରୁ ଏମନ୍ତ ବଚନ ଶୁଣି ଅନ୍ନ ପୁଡାଏ ବାନ୍ଧି କରି ରାଜା ରାଣୀ ଗୁପ୍ତରେ ବାହାରି ଗଲେ । ବନସ୍ଥଭିତରେ ପସନ୍ତେ ରାଜାଙ୍କୁ ବଡ କ୍ଷୁଧା କଲା । ରାଜା ରାଣୀଙ୍କୁ ବୋଇଲେ ବଡ଼ କ୍ଷୁଧା କଲା । ଏମନ୍ତ କହି ଚାଲନ୍ତେ ଏକ

ସରୋବର ସ୍ନାନ କରି ଶୁକ୍ଳବନ୍ତ ହେଲେ । ରାଜା ନିତ୍ୟ କର୍ମ ଜପ ସାରି ଉଠିଲେ । ଦେଖିଲେ ସେ ସରୋବର ପାଖରେ ଜଳ ଖାତରେ ବହୁତ ମାଛ ଅଛି । ତାହା ଦେଖି ସେ ଖାତ ବାହି ମାଛ ପୁଡାଏ ଧରି ଆଣି ରାଣୀ ଛାମୁରେ ଦେଲେ । ରାଜା ବୋଇଲେ ରାଣୀ ଏ ମାଛ ପୋଡା କର । ମାଛ ପୋଡି ସୁସ୍ଥ କରି ଅନ୍ନ ଭୁଞ୍ଜିବା ।ଏହା ଶୁଣି ରାଣୀ ମାଛ ପୋଡିଲେ । ରାଜା ସ୍ନାନ କରି ଆସି ଭୁଞ୍ଜି ବସିଲେ । ସେ ମାଛ ପୋଡା ଆଣି ରାଣୀ ରାଜା ଛାମୁରେ ଦିଅନ୍ତେ । ସେ ମାଛ ମାନେ ଜିଇଁ କରି ପାଣିରେ ପଶିଲେ । ରାଜା ଦେଖି ଚମତ୍କାର ହେଲେ । ରାଣୀଙ୍କୁ ପଚାରିଲେ । କେମନ୍ତ ଏ ମାଛ ମାନେ ହସହସ ହୋଇ ପାଣି ରେ ପଶିଲେ । ରାଣୀ ବୋଇଲେ ଆମ୍ଭେ ଲକ୍ଷ୍ମୀ ଦୋରେହା ହୋଇବାରୁ ଲକ୍ଷ୍ମୀ ଆମ୍ଭଙ୍କୁ ବିତୁଛନ୍ତି । ଏମନ୍ତ ବିଚାରି ସେ ଭାତ ନ ଭୁଞ୍ଜିଲେ । ସେ ଭାତ ପୁଡା ଘେନି ଯାଆନ୍ତେ କିଛି ଦୂରରେ ନଗ୍ର ଗୋଟିଏ ଦେଖିଲେ । ଦେଖି ଆନନ୍ଦ ହେଲେ । କୁମ୍ଭାର ଶାଳରେ ରହିଲେ । ସେ ଭାତ ପୁଡା ଘେନି କୋଣ ରେ ରାଜା ରାଣୀ ଦୁହେଁ ବସିଲେ । ଏହାଙ୍କୁ ଦେଖି କୁମ୍ଭାର ମନେ ବିଚାରି ପାରୁଶେ ପ୍ରବେଶ । ହେଲେ । ତାହାଙ୍କୁ ସଙ୍ଖୋଳିଲେ । ବୋଇଲେ ତୁମ୍ଭେ କାହୁଁ ଅଇଲ । ରନ୍ଧା ନକଲ । ସନ୍ଧ୍ୟାକାଳ ପ୍ରବେଶ ହେଲା । ଏହା ଶୁଣି ରାଜା ରାଣୀ କୁମ୍ଭାରକୁ ବୋଇଲେ । ହାଣ୍ଡି ଗୋଟିଏ ତୁମ୍ଭେ ଦିଅ । ଶୁଣି ସେ କୁମ୍ଭାର ଗୋଟିଏ ହାଣ୍ଡି ଦେଲା । ହାଣ୍ଡି ଘେନି ରାଣୀ ପାଣିକୁ ଗଲେ । ପାଣି ଘେନି ଆସନ୍ତେ ଭାତ ପୁଡା ରଖିବା ଠାରେ ଦେଖିଲେ । ସେ ଭାତ କୁକୁର ଛୁଇଁଲା । ତାହା ଦେଖି ରାଣୀ ବହୁତ ବିସ୍ମୟ ହୋଇ ସେ ଭାତ ପୁଡାଟି କୁମ୍ଭାର କୁ ଦେଲେ । ବୋଇଲେ ଏ ଭାତ ତୋର ପୁତ୍ର ମାନେ ଖାଆନ୍ତୁ । ସେ କୁମ୍ଭାର ବଡ ଦରିଦ୍ର ଅଟଇ । ସେ ଭାତ ପୁଡା ଦେଖି ବଡ ଆନନ୍ଦ ହେଲା । ଘରେ ଯାଇ ଫିଟାଇ ଦେଖିଲା । ସୁବର୍ଣ୍ଣ ହୋଇ ଅଛି । ଦେଖି ମହା ଆନନ୍ଦିତ ହୋଇ ମନେ ବିଚାରିଲା । ଏତ ବଡ ଲୋକ । ଲକ୍ଷ୍ମୀ ନାରାୟଣ ଅବା ନୋହିଲେ କି ଭାତ ସୁବର୍ଣ୍ଣ ହୋଇଲା । ଏମନ୍ତେ ସେ ଦରିଦ୍ର କୁମ୍ଭାର ମହାଧନ ବନ୍ତ ହୋଇ ସୁଖେ ରହିଲା । ରାଜା ରାଣୀ ସେ କୁମ୍ଭାର ଶାଳେ ଉପବାସେ ରହିଲେ । ପ୍ରଭାତ କାଳେ ସେ ନଗ୍ର ର ସାଧବ ଭାର୍ଯ୍ୟା ହାଣ୍ଡି ପାଇଁ ଯାଇ ସେ କୁମ୍ଭାର ଶାଳେ ପ୍ରବେଶ ହେଲା । ରାଜା ରାଣୀଙ୍କୁ ଦେଖି ମନେ ବିଚାରିଲା । ଏତ ବଡ ଲୋକ ପରା ଦିଶୁ ଅଛନ୍ତି । ଏମନ୍ତ ମନେ ବିଚାରୀ ସାଧବାଣୀ ତାଙ୍କୁ ବୋଇଲା । ତୁମ୍ଭେ କିଏ ସେ । ବଡ ଲୋକ ପରା ଦିଶୁଅଛ । ଆସ ଆମ୍ଭ ଘରକୁ ଯିବା ରାଜା ରାଣୀ ଶୁଣି ଉଠିଲେ । ସାଧବାଣୀ ତାଙ୍କୁ ଆଗକରି ଘରକୁ ନେଲେ । ସାଧବାଣୀ ରତ୍ନ ପାତ୍ରରେ ପାଣି ଆଣି ଦୁଇ ଜଣଙ୍କ ପାଦ ଧୋଇଦିବ୍ୟ ଆସନେ ବସାଇଲା । ସାଧୁତା ଦେଖି ଘର ବଖରାଏ ସଜାଡି କରି ହାଣ୍ଡି, ଚାଉଳ, ମୁଗ, ଖଣ୍ଡସାକର ଘୃତ ସହିତ କରି ଚାଉରାଳସି ପ୍ରକାରେ

ଚରଚା କରି ସଞ୍ଆ ମାନ ଦେଲା । ରାଣୀ ଯେ ନିତ୍ୟ କର୍ମ ସାରି ପାକ ଶୁଦ୍ଧ କରି ଅନ୍ନ ବ୍ୟଞ୍ଜନ ଆଦି ସମସ୍ତ ପାକ ମାନ କଲେ । ରାଜା ମର୍ଦ୍ଦନ ମାଜଣା ସାରି ସ୍ନାନ ନିତ୍ୟକର୍ମ ସାରି ମଣୋହି ରେ ବିଜେ କଲେ । ରାଣୀ ଅନ୍ନ ପରସିବା ସମୟରେ ରାନ୍ଧଣା ସାମଗ୍ରୀ କୁକୁର ଗୋଟିଏ ଛୁଇଁଗଲା । ରାଣୀ ଦେଖିଲେ । ବଡ଼ ବିସ୍ମୟ ହେଲେ । ପାକ ବାହାର କରି ପକାଇଲେ । ସେ ଦିନ ରାଜା ରାଣୀ ଦୁହେଁ ଉପବାସେ ରହିଲେ । ଏପରି ଚାରି ପାଞ୍ଚଦିନ ଉପବାସେ ରହନ୍ତେ ରାଜା ରାଣୀଙ୍କ ଦେହ ଖିନ୍ନ ହେଲା । ସାଧବାଣୀ ଦେଖି ମନେ ବିଚାରିଲା । ମୁଁତ ସବୁଦିନେ ଯାବତ ସାମଗ୍ରୀ ସଞ୍ଆମାନ ଦିଅଇ । ଏହାଙ୍କ ଦେହଖିନ୍ନ ହେଲା । କିପାଇଁ । ଏ ପାକମାନ କି କରନ୍ତି । ଏମନ୍ତ ବିଚାରି ଚାରି ଆଡେ ଯାଇ ଦେଖିଲା । ପାକମାନ ପଡିଅଛି । ହାଣ୍ଡିମାନ ଦେଖିଲା । ଭାତତିଅଣ ଶ୍ୱେତ ସାକର ଆଦି ସାମଗ୍ରୀ ମାନ ପଡି ଅଛି । ତାହା ଦେଖି ସାଧବାଣୀ ପାଖରେ ବସି ପଚାରିଲା । ତୁମ୍ଭେ ଆସିବା ଦିନୁ ମୁଁ ନିତ୍ୟ ଯୋଗାଡ ମାନ ଦେଉ ଅଛି । ତୁମ୍ଭ ଦେହ କିମ୍ପା ଖିନ୍ନ ହେଲା । ଏ କଥା ମତେ ସତ୍ୟକରି କହ । ଏହା ଶୁଣି ରାଣୀ ବୋଇଲେ । ତୁମ୍ଭେ ନିତ୍ୟ ଯୋଗାଡ ଦିଅ । ଆମ୍ଭେ ପାକ ସମ୍ପାଦିବା ଜାଣି କୁକୁର ଗୋଟିଏ ଆସି ସେ ପାକ ଛୁଅଇଂ । ତେଣୁ କରି ସେ ପାକ ମାନ ପକାଇ ଦେଉ । ଉପବାସେ ରହୁ । ସାଧବାଣୀ ବିଚାରିଲା । ଏ ଲକ୍ଷ୍ମୀ ଦୋରେହା ଅଟନ୍ତି । ଏତ ବଡ ଲୋକ । ଏମନ୍ତ ବିଚାରୀ ପଚାରିଲା ତୁମ୍ଭେ କିଏ ସେ । ମତେ ସତ୍ୟ କରି କହ । କେଉଁ ରାଜ୍ୟରୁ ଅଇଲ । ଏ ବଚନ ଶୁଣି ରାଣୀ ବୋଇଲେ । ଏ ସୁଦର୍ଶନ ରାଜା । ମୁଁ ସୁଦଶା ରାଣୀ । ରାଜାଙ୍କ ପାଟରାଣୀ ଅଟଇ । ରାଜା ନ ବୁଝିବା ହେତୁ ଏଫଳ ପାଉଅଛୁ । ଏକ ଦିନେ ମକର ମାସ ଶୁକ୍ଳ ପକ୍ଷ ଦଶମୀ ଗୁରୁବାର ସୁଦଶା ବ୍ରତ ପଡିଲା । ସୁଦଶା ବ୍ରତ କରୁଥିଲୁ । ଆମ୍ଭ ରାଜ୍ୟରେ ସାଧବାଣୀ ବୋଲିଥିଲା । ହୁଳ ହୁଳି ଦେଇ ମହାଲକ୍ଷ୍ମୀଙ୍କୁ ଆରାଧନା କରି କଥା କହୁଅଛି । ଏମନ୍ତ ସମୟରେ ବିରାଡି ଗୋଟିଏ ପୂଜା ମଣ୍ଡା ଥୋଇଥିଲା ତହିଁରୁ ମଣ୍ଡା ଗୋଟିଏ ବିରାଡି ଘେନି ପଳାଇଲା । ଆମ୍ଭ ଶ୍ରୀ ନବରେ ପଶିଲା । ସାଧବାଣୀ ଦେଖି ବିରାଡି ପଛେ ଗୋଡାଇ ଆମ୍ଭ ସିଂହଦ୍ୱାରେ ହୁଅନ୍ତେ ଦ୍ୱାରପାଳ ମାନେ ଛାଡି ନ ଦେଲେ । ସେ ସାଧବାଣୀ ଦ୍ୱାରେ ବଡ କାନ୍ଥା ରୋଦନ କରନ୍ତେ । ରାଜା ଶୁଣି ସୁନାମଣ୍ଡା ଗୋଟିଏ ଯାଚିଲେ । ସେ ନାସ୍ତି କଲା । ମୋର

ସୁନା ମଣ୍ଡାରେ କାର୍ଯ୍ୟ ନାହିଁ । ତୁମ୍ଭ ରାଣୀଙ୍କ ପୂଜା ମଣ୍ଡାରୁ ଗୋଟିଏ ଦେଲେ ମୁଁ ନେବି । ନୋହିଲେ ଏଠାରେ ପ୍ରାଣ ହରାଇବି । ତାହା ଶୁଣି ରାଜା ଆମ୍ଭ ରାଣୀ ହଂସ ପୁରକୁ ଚଳି ଗଲେ । ରାଜା ବିଜେ କଲେ । ଆମ୍ଭେ ଅନେଶ୍ୱତ ରାଣୀଙ୍କୁ ଘେନି ପୂଜା କରୁଥିଲୁ । ଆମ୍ଭକୁ ଯାଇ ସତ୍ୟ କରାଇ ମଣ୍ଡା ଗୋଟିଏ ମାଗିଲେ । ମୁଁ ପୂଜା ମଣ୍ଡାରୁ ଗୋଟିଏ ଦେଲି । ସେ ମଣ୍ଡାଟି ସାଧବାଣୀକୁ ଦେଲେ । ସେହି ଦିନୁ ଆମ୍ଭେ ହୃତ ରାଜ୍ୟ ହେଲୁ । ସେ ସାଧବାଣୀ ରାଣୀ ଠାରୁ ଶୁଣି ତୁନି ହୋଇ ରହିଲା । ଏମନ୍ତ ରାଜା ରାଣୀ ସାଧବ ଘରେ ଥାଆନ୍ତି । ଏକଥା ସାଧବାଣୀକୁ କହିବାରୁ ଲକ୍ଷ୍ମୀ ବିଚାରିଲେ ଏ ମତେ ନ ଛାଡିଲେ । ମୋଠାରେ ଦୋରେହା ହେଲୁ ବୋଲି ଅନ୍ତଃସ୍ମରଣରେ ବିଚାରିଲେ । ସେ ରାଜ୍ୟର ସମସ୍ତ ସ୍ତ୍ରୀ ମାନେ ଏବ୍ରତ କରୁଅଛନ୍ତି । ରାଜାଙ୍କୁ ରାଣୀ ପଚାରିଲେ ହେ ଦେବ ମୁଁ ବ୍ରତ କରିବି । ରାଜା ବୋଇଲେ ରାଣୀ ଏ ବ୍ରତ କଲେ କିକି ହୋଇ । ରାଣୀ ବୋଇଲେ ଆମ୍ଭେ ଲକ୍ଷ୍ମୀ ଦୋରେହା ହୋଇ ଥିଲେ । ଏ ବ୍ରତ କଲେ ଲକ୍ଷ୍ମୀ ଆଲିଙ୍ଗନ କରନ୍ତି । ଲକ୍ଷ୍ମୀ ପ୍ରସନ୍ନ ହେଲେ ସ୍ୱ ରାଜ୍ୟ ପାଇବା । ଏମନ୍ତ କହନ୍ତେ ରାଜା ଆନନ୍ଦିତ ହୋଇ ବ୍ରତ କର ବୋଇଲେ । ଯେଉଁ ସାଧବାଣୀ ଘରେ ଥିଲେ । ସେ ସାଧବାଣୀ ସାତ ପୁତ୍ର ବୋହୁ ଘେନି ବ୍ରତ କରୁଅଛି । ସେ ମାନଙ୍କ ସଙ୍ଗରେ ଏ ବ୍ରତ ଆଚରିଲେ । ସାଧବାଣୀ ରାଣୀଙ୍କୁ ଦେଖି ବହୁତ ହୃଷ୍ଟରେ ଦେବତା ପୂଜାକରି ବସାଇ ମାଣିକ୍ୟ ର ଦିପାଳି ଗୁଆ ଘୃତରେ ଦୀପ ଜାଳିଲେ । ଶୁକ୍ଳ ପୁଷ୍ପ ମାନ କଲେ । ଶୁକ୍ଳ ପୁଷ୍ପ ଶୁକ୍ଳପାଟ ମାନ ଆଭରଣ କଲେ । ଶ୍ରୀ ମହାଲକ୍ଷ୍ମୀ ବୋଲି ସାଧବାଣୀ କଥା କହି ବସିଲେ । ସାଧବାଣୀ ବ୍ରତ କଥା କହି ମହାଲକ୍ଷ୍ମୀଙ୍କୁ ଚିନ୍ତାକରି ବସିଲେ । ଏ ଉତ୍ତାରୁ ସାଧବାଣୀ ପାଦ ତଳେ ପାଏତା ପଡି ବୋଇଲେ । ସାଧବାଣୀକୁ ବାମ କରେ ଟେକି ଉଠ ବୋଲି ବୋଇଲେ । ସାଧବାଣୀ ବୋଇଲା । ତୁମ୍ଭେ ବଡ ଲୋକ । ଏତେ ଲୋକ ବୋଲି ଜାଣି ନଥିଲି । ତୁମ୍ଭେ ଯେଉଁ ଦିନୁ ମୋ ଘରେ ବିଜେକଲ । ସେ ଦିନୁ ମହାଲକ୍ଷ୍ମୀ ମତେ ଚାରି ପାଦ ଦୟା ଅନୁଗ୍ରହ କଲେ । ଏତେ କହି ସାଧବାଣୀ ଘର କୁ ଗଲେ । ଦଶ ବର୍ଷ ପୁଅ ହାତେ ଦଶହାତ ଲମ୍ଭକରି ତିନି ଗୁଣ କରି ବଳି ଦଶ ଗୋଟି ଗଣ୍ଠି ପକାଇଲେ । ଦଶ ଗୋଟି ଦୁବ ଦଶ ଗୋଟି ଚାଉଳ ମଥାରେ ଘେନିଲେ । ମହାଲକ୍ଷ୍ମୀଙ୍କୁ ସ୍ମରଣା କରି ଦଶ ଗୋଟି ମଣ୍ଡା ଖିରି ଖିରିସା ଅଟକାଳି ନୈବେଦ୍ୟ କଲେ । ମହାଲକ୍ଷ୍ମୀ ଙ୍କୁ ମଣିମା ବୋଲି ରାଣୀ ମଧ୍ୟ ଏହି ରୂପେ ପୂଜା ବିଧି କଲେ । ସାଧବାଣୀ ଆପଣା ଗୃହସ୍ଥ , ପୁତ୍ର ବନ୍ଧୁଙ୍କୁ ବସାଇ ଭୋଜନ ଦେଲେ । ଏମନ୍ତଟି ସୁଦଶା ବ୍ରତ କଥା । ଏଉତାରେ ସୁଦର୍ଶନ ରାଜା ରାଜ୍ୟରେ ନ ଥିଲେ । ରାଜାର ଭାଇ ଜେନା ପାତ୍ର ମନ୍ତ୍ରୀ ଆଉ ଅମନାତ୍ୟ ମାନେ ମହା ଗୋଳ କରୁଅଛନ୍ତି । କେ ବୋଲଇ ମୁଁ ରାଜାହେବି । ଏକୁ ଆରେକ ଅନର୍ଥ କରୁଛନ୍ତି ମନ୍ତ୍ରି ବୋଇଲେ ତୁମ୍ଭେ ମାନେ ଅନର୍ଥ ନକର । ପାଟ ହାତୀକୁ ମଣ୍ଡିବା କଲଶ ଦେବା । ସା ଯାହା ଶିରେ ପୂର୍ଣ୍ଣ କୁମ୍ଭ ଢାଳିବ ସେ ରାଜା ହେବ । ଏମନ୍ତ କହନ୍ତେ ସମସ୍ତେ ସମ୍ମତ୍ତ କଲେ । ମନ୍ତ୍ରୀ ପାଟହସ୍ତିକୁ ବିଚିତ୍ର ବେଶ କଲେ । ସୁବର୍ଣ୍ଣ କୁମ୍ଭରେ ପାଣି ପୁରାଇ ସେ ସୁବର୍ଣ୍ଣ କୁମ୍ଭ ଦେଲେ । ପୁଷ୍ପ ମାଳ ଗୋଟିଏ ଦେଲେ । ସେ ହସ୍ତୀ ମୁକୁଳା କରି ଛାଡି ଦେଲେ । ପାତ୍ର, ମନ୍ତ୍ରୀ, ଜେନା ଆଦି ବଡ ଲୋକ ମାନେ ସମସ୍ତେ ଅଛନ୍ତି । ନଗ୍ର ଲୋକମାନେ ଜାତି ପରଜାତି ଏମାନେ ହସ୍ତୀ ଚାରି ପାଖେ ଅଛନ୍ତି । ସେ ହସ୍ତୀ ନଗ୍ର ଯାକ ବୁଲିଲା । କାହିଁ ରାଜାକୁ ନଦେଖିଲା । ସେ ନଗ୍ର ରୁ ବାହାରି ହୋଇ ସାଧୁତ୍ର ନଗ୍ରରେ ପ୍ରବେଶ ହେଲା । ସୁଦର୍ଶନ ରାଜା ସାଧୁତର ଚଉରି ପାଖେ ବସିଥିଲା । ସେ ପାଟ ହସ୍ତୀ ରାଜାକୁ ଦେଖି ରାଜାଶିରେ ପୂର୍ଣ୍ଣ କୁମ୍ଭ ଅଭିଷେକ କଲା । ରାଜାଙ୍କୁ କାନ୍ଧରେ ବସାଇଲା ତାହା ଦେଖି ପାତ୍ର ମନ୍ତ୍ରୀ ମାନେ ନିଉଛାଳି କରି ପାଏତା ପଡି ଶୋଇଲେ । ନିଯୋଗୀ ମାନେ ଯେ ଯାହାର ସେବାରେ ରହିଲେ ଛତ୍ର ମାନେ ଚାମର ମାନେ ଢାଳିଲେ । ତାଲ, ମହୁରି, ବୀର କାହାଳି, ଭେରି, ମୃଦଙ୍ଗ, ତାଳି, ରାମତାଳି, ନିଶାଣ, ବୀଣା, ବଂଇଶୀ, ହୁଳ ହୁଳି, କରବାର ନୃତ୍ୟ ରଙ୍ଗ ମଙ୍ଗଳାଷ୍ଟକ ମହା ସଂଭ୍ରମରେ ରାଜା ବିଜେ କଲେ । ଧାଇ, ମୁଦୁସୁଲି, ପୋଇଲି ପରିବାର ମାନେ ରାଣୀଙ୍କୁ ରତ୍ନ ହାନ୍ଦୋଳାରେ ବିଜେ କରାଇଲେ । ମଣିମା ଶବ୍ଦ ନିରନ୍ତରେ ପଛୁ ଅଛି । ଏଥି ଉତ୍ତାରେ ସାଧବାଣୀ ପଛେ ପଛେ ଗୋଡାଇ ବୋଇଲା । ଭୋ ଠାକୁରାଣୀ ମତେ ଅନୁଗ୍ରହ କର । ବହୁ ଦୁର ଯାଇ ଏହା ଜଣାଇଲା । ରାଣୀ ବୋଇଲେ ଅପାର ଦୂର ଅଇଲ । ଏବେ ତୁମ୍ଭର ଘରକୁ ଯାଅ ଲକ୍ଷ୍ମୀ ନାରାୟଣ ତୁମ୍ଭଙ୍କୁ ଦୟା କରିଥାନ୍ତୁ । ଏମନ୍ତ କହି ସାଧବାଣୀକୁ ଦିବ୍ୟ ପାଟ ଆୟ ଅଳଙ୍କାର ମାନ ଦେଲେ । ପୁତ୍ର ନାତି ମାନଙ୍କୁ ଦେଲେ । ସାଧବାଣୀକୁ ମେଲାଣି ଦେଲେ । ସାଧବାଣୀ ଆନନ୍ଦ ହୋଇ ଆପଣା ଗୃହରେ ପ୍ରବେଶ ହେଲେ । ଏ ଉତ୍ତାରେ ରାଜା ରାଣୀ ଆପଣା କଟକରେ ପ୍ରବେଶ ହେଲେ । ନଗ୍ରଉତ୍ସବ କରାଇଲେ । ରାଜା ରାଣୀ ଶ୍ରୀ ନବରେ ରହିଲେ । ଏ ସୁଦଶା ବ୍ରତ କଥା ଏମନ୍ତ । ଏମନ୍ତ ବ୍ରତ କୁ ଆଚରିବ । ଲକ୍ଷ୍ମୀଙ୍କର ସୁଦଶା ବ୍ରତ ଦିନ ପଦାର୍ଥ ମାନ ପରହସ୍ତେ ନ ଦେବ ॥

॥ଇତି ଶ୍ରୀ ସୁଦଶା ବ୍ରତ କଥା ସମାପ୍ତ॥